بسم اللہ الرحمٰن الرحیم

ଖୁତବା ଜୁମା **୦୫ ଏପ୍ରିଲ୍ ୨୦୧୯**ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁଷ୍ୟକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ମୁଁ ଯେଉଁ ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବୀ ହେଲେ ହଜ଼ରତ୍ ଖରାଶ୍ ବିନ୍ ସୁମତା ଅନସାରୀ ର.ଅ । ସେ ବନୁ ହଶମ୍ ଶାଖା ଅନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଓହୋଦ୍ ଯୁଦ୍ଧରେ ଶତ୍ରୁ ତାଙ୍କ ଶରୀରର ୧୦ଟି ସ୍ଥାନକୁ କ୍ଷତବିକ୍ଷତ ହୋଇଥିଲା । ସେ ରସୁଲ୍ କରୀମ୍ ସ.ଅଙ୍କର ଅଭିଜ୍ଞ ତୀର ଚାଳନାକାରୀରଙ୍କ ମଧ୍ୟରେ ଅନ୍ୟତମ ଥିଲେ । ବଦର୍ ଯୁଦ୍ଧ ଦିନ ହଜ଼ରତ୍ ଖରାଶ୍ ଅବୁଲ୍ ଆସଙ୍କୁ ଯିଏକି ନବୀ କରୀମ୍ ସ.ଅଙ୍କର ଶ୍ୱାଇଁ ଥିଲେ, ତାଙ୍କୁ ବନ୍ଦୀ କରିଥିଲେ । ପରବର୍ତ୍ତୀ ସାହାବୀ ହେଉଛନ୍ତି ଉବୈଦ୍ ବିନ୍ ତୈହାନ୍ ର.ଅ । ସେ ୭୦ ଜଣ ଅନସାରଙ୍କ ସହିତ ବୈଅତେ ଅକ୍ବାରେ ଶାମିଲ୍ ହୋଇଥିଲେ । ରସୁଲ୍ କରୀମ୍ ସ.ଅ ହଜ଼ରତ୍ ଉବୈଦ୍ ବିନ୍ ତୈହାନ୍ ଏବଂ ହଜ଼ରତ୍ ମସଉଦ୍ ବିନ୍ ରବିଇଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ନିଜ ଭାଇ ହଜ଼ରତ୍ ଅବୁ ଲହେସମଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହୋଇ ସେହି ବଦର୍ ଯୁଦ୍ଧରେ ହିଁ ବୀରଗତି ପ୍ରାପ୍ତ କରିଥିଲେ । ପୁନଶ୍ଚ ପରବର୍ତ୍ତୀ ସାହାବୀ ହେଉଛନ୍ତି ହଜ଼ରତ୍ ଅବୁ ହନା ମାଲିକ୍ ବିନ୍ ଅମ୍ର ର.ଅ । ତାଙ୍କର ଗୋତ୍ର ଅବୁ ହନା ଥିଲା ଏବଂ ତାଙ୍କର ନାମ ମାଲିକ୍ ବିନ୍ ଅମ୍ର ଥିଲା । ମହମ୍ମଦ୍ ବିନ୍ ଉମର୍ ୱାକ୍ଦି ତାଙ୍କୁ ବଦର୍ ଯୁଦ୍ଧରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରନ୍ତି ।

ପୁନଶ୍ଚ ପରବର୍ତ୍ତୀ ଯେଉଁ ସାହାବୀଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ବିନ୍ ସାଆଲବା ର.ଅ । ତାଙ୍କର ଗୋତ୍ର ଅବୁ ମହମ୍ମଦ୍ ଥିଲା ଏବଂ ପିତାଙ୍କ ନାମ ହଜ଼ରତ୍ ଜ଼ୈଦ୍ ବିନ୍ ସାଆଲବା ଥିଲା ଏବଂ ସେ ମଧ୍ୟ ଜଣେ ସାହାବୀ ରୂପେ ପରିଚିତ ଥିଲେ । ସେ ବନୁ ହିଶମ୍ ଶାଖା ଅନ୍ତର୍ଗତ ଅନସାର୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ୍ବାରେ ୭୦ ଜଣ ଅନସାର୍ ସାହାବାମାନଙ୍କ ସହିତ ଶାମିଲ୍ ଥିଲେ ଏବଂ ବଦର୍, ଓହୋଦ୍, ଖନ୍ଦକ୍ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ମକ୍କା ବିଜୟ ସମୟରେ ବନୁ ହାରିସ୍ ବିନ୍ ଖଜ଼ରଜ୍ ସଂପ୍ରଦାୟର ଧ୍ୱଜା ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅଙ୍କ ପାଖରେ ଥିଲା । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅ ଇସଲାମ୍ ଧର୍ମରେ ଦୀକ୍ଷିତ ହେବା ପୂର୍ବରୁ ଆରବୀ ଭାଷା ଲେଖିବା ଜାଣିଥିଲେ । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ସେହି ସାହାବୀ ଅଟନ୍ତି ଯାହାଙ୍କୁ ସ୍ୱପ୍ନରେ ଅଜ଼ାନ୍‌ର ଶବ୍ଦ ବିଷୟରେ କୁହାଯାଇଥିଲା ଏବଂ ସେ ଆଁହଜୁର୍ ସ.ଅଙ୍କୁ ଏ ସଂପର୍କରେ ଅବଗତ କରାଇଥିଲେ । ପ୍ରତ୍ୟୁତ୍ତରରେ ଆଁହଜ଼ରତ୍ ସ.ଅ ହଜ଼ରତ୍ ବିଲାଲ୍ ର.ଅଙ୍କୁ ଆଦେଶ ଦେଲେ ଯେ, ସେ ସେହି ଶବ୍ଦରେ ଅଜ଼ାନ୍ ଦିଅନ୍ତୁ, ଯେଉଁ ଶବ୍ଦକୁ ହଜ଼ରତ୍ ଅବ୍ଦୁଲ୍ଲାଃ ସ୍ୱପ୍ନରେ ଦେଖିଥିଲେ । ଏହି ଘଟଣାଟି ମସଜିଦେ ନବୱୀର ନିର୍ମାଣ ପରେ ସନ୍ ୧ ହିଜରୀର ଅଟେ । ଏହାର ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, ହଜ଼ରତ୍ ଅବୁ ଉମୈର୍ ବିନ୍ ଅନସ୍ ନିଜର ଦାଦାମାନଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ କହିଲେ ଯେ, ନବୀ କରୀମ୍ ସ.ଅ ଚିନ୍ତା କଲେ ଲୋକମାନଙ୍କୁ ନମାଜ଼୍ ପାଠ ନିମନ୍ତେ କିପରି ଏକତ୍ରିତ କରାଯିବ । ଅତଃ ଆଁହଜ଼ରତ୍ ସ.ଅଙ୍କୁ କୁହାଗଲା ଯେ, ନମାଜ଼୍ ସମୟରେ ଏକ ଧ୍ୱଜାକୁ ଭୂମିରେ ପୋତି ଦିଆଯାଉ, ଯେତେବେଳେ ଲୋକମାନେ ଏହି ଧ୍ୱଜାକୁ ଦେଖିବେ ସେତେବେଳେ ଲୋକମାନେ ପରସ୍ପରକୁ ସୂଚିତ କରିବେ ଯେ, ନମାଜ଼୍ ସମୟ ହୋଇଯାଇଛି । କିନ୍ତୁ ରସୁଲୁଲ୍ଲାଃ ସ.ଅ ଏହାକୁ ନାପସନ୍ଦ କଲେ ଏବଂ କହିଲେ ଯେ, ଏହି ପଦ୍ଧତିଟି ବା ପରମ୍ପରା ଇହୁଦୀମାନଙ୍କର ଅଟେ । ବର୍ଣ୍ଣନାକାରୀ କହନ୍ତି ଯେ, ଆଁହଜ଼ରତ୍ ସ.ଅଙ୍କୁ ପୁନର୍ବାର ନାକୁସ୍ ଅର୍ଥାତ୍ ଶଙ୍ଖ ସଂପର୍କରେ କୁହାଗଲା । ହୁଜୁର୍ ସ.ଅ କହିଲେ ଯେ, ଏହା ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ପରଂପରା ଅଟେ । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ରସୁଲ୍ କରୀମ୍ ସ.ଅଙ୍କ ଚିନ୍ତିତ ହେବା ଯୋଗୁଁ ଚିନ୍ତିତ ଥିଲେ । ସେ ନିଜ ଘରକୁ ଆସିଲେ ଏବଂ ପ୍ରାର୍ଥନା କଲେ । ତାଙ୍କୁ ସ୍ୱପ୍ନରେ ଅଜ଼ାନ୍ ଦେଖାଗଲା । ସେ କହନ୍ତି ଯେ, ମୁଁ ସ୍ୱପ୍ନରେ ଜଣେ ବ୍ୟକ୍ତିକୁ ଦେଖିଲି ଯାହାର ହାତରେ ଶଙ୍ଖ ଥିଲା । ମୁଁ ତାହାକୁ ପ୍ରଶ୍ନ କଲି

ଯେ, ହେ ଈଶ୍ୱରଙ୍କର ଭକ୍ତ ! ତୁମେ ଏହି ଶଙ୍ଖକୁ ବିକ୍ରି କରିବ କି ? ସେ ଉତ୍ତର ଦେଲା ଯେ, ତୁମେ ଏହାକୁ ନେଇ କ'ଣ ବା କରିବ ? ମୁଁ କହିଲେ ଯେ, ଆମେମାନେ ଏହା ମାଧ୍ୟମରେ ଲୋକମାନଙ୍କୁ ନମାଜ୍ ପାଇଁ ଡ଼ାକିବୁ । ସେ କହିଲା ତେବେ ମୁଁ ତୁମକୁ ଏପରି ଏକ କଥା ଶିଖାଇବି ଯାହାକି ଉକ୍ତ କଥା ଠାରୁ ଅତି ଉତ୍ତମ ଅଟେ । ମୁଁ କହିଲି ହଁ କୁହନ୍ତୁ ନା ! ହଜ଼ରତ୍ ଅବ୍ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ସେହି ବ୍ୟକ୍ତି ଜଣକ ଅଜ଼ାନ୍ ଭଳି ପବିତ୍ର ଶବ୍ଦର ପୁନରାବୃତ୍ତି କଲା : ***ଅଲ୍ଲାଃହୁ ଅକବର୍ ଅଲ୍ଲାଃହୁ ଅକବର୍ । ଅଲ୍ଲାଃହୁ ଅକବର୍ ଅଲ୍ଲାଃହୁ ଅକବର୍ । ଅଶହଦୁ ଅନ୍ଲା ଇଲାହା ଇଲ୍ଲଲ୍ଲାଃହୁ । ଅଶହଦୁ ଅନ୍ଲା ଇଲାହା ଇଲ୍ଲଲ୍ଲାଃହୁ । ଅଶହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ। ଅଶହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ । ହଇ ୟା ଅଲସ୍ ସଲାହ୍ । ହଇ ୟା ଅଲସ୍ ସଲାହ୍ । ହଇ ୟା ଅଲଲ୍ ଫଲାହ୍ । ହଇ ୟା ଅଲଲ୍ ଫଲାହ୍ । ଅଲ୍ଲାଃହୁ ଅକବର୍ ଅଲ୍ଲାଃହୁ ଅକବର୍ । ଲା ଇଲାହା ଇଲ୍ଲଲ୍ଲାଃ ।*** ହୁଜୁର୍ ଅନୱର୍ କହିଲେ ଯେ, ମୁଁ ଏହାର ଅନୁବାଦ ମଧ୍ୟ ପଢ଼ି ଦେଉଛି ଯେ, **ଅଲ୍ଲାଃତାଲା ହିଁ ସର୍ବଶ୍ରେଷ୍ଠ । ଅଲ୍ଲାଃତାଲା ହିଁ ସର୍ବଶ୍ରେଷ୍ଠ । (ଚାରି ଥର) । ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହେଁ । ମୁଁ ସାକ୍ଷ୍ୟ ଦେଉଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହେଁ । (ଦୁଇ ଥର) । ମୁଁ ସାକ୍ଷ୍ୟ ଦେଉଛି ଯେ, ହଜ଼ରତ୍ ମହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କ ରସୁଲ୍ ଅଟନ୍ତି । ମୁଁ ସାକ୍ଷ୍ୟ ଦେଉଛି ଯେ, ହଜ଼ରତ୍ ମହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କ ରସୁଲ୍ ଅଟନ୍ତି । (ଦୁଇ ଥର) । ନମାଜ୍ ସକାଶେ ଚାଲି ଆସ । ନମାଜ୍ ସକାଶେ ଚାଲି ଆସ । (ଦୁଇ ଥର) ସଫଳତା ପାଇଁ ଚାଲି ଆସ । ସଫଳତା ପାଇଁ ଚାଲି ଆସ । (ଦୁଇ ଥର) । ଅଲ୍ଲାଃତାଲା ହିଁ ସର୍ବଶ୍ରେଷ୍ଠ । (ଏକଥର) ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ଯୋଗ୍ୟ ନୁହେଁ । (ଥରେ କୁହ) ।**

ପୁନଶ୍ଚ କହନ୍ତି ଯେ, ଉକ୍ତ ଶବ୍ଦର ପୁନରାବୃତ୍ତି କଲାପରେ ସେହି ବ୍ୟକ୍ତ ଜଣକ ମୋ ଠାରୁ ଟିକିଏ ପଛକୁ ଘୁଞ୍ଚିଯାଇ କହିଲେ ଯେ, ଯେତେବେଳେ ତୁମେମାନେ ନମାଜ୍ ପାଇଁ ଛିଡ଼ା ହୁଅ ସେତେବେଳେ ତକବିର୍ ବା ଇକାମତ୍ ଅର୍ଥାତ୍ ନମାଜ୍ ପାଇଁ ପ୍ରାରମ୍ଭିକ ସୂଚନାର ପୁନରାବୃତ୍ତି ମଧ୍ୟ କର ***। ଅର୍ଥାତ୍ ଯେତେବେଳେ ଫର୍ଜ୍ ନମାଜ୍ ଆରମ୍ଭ କରାଯିବ, ସେଥିପାଇଁ ପ୍ରଥମେ ଇକାମତ୍ କୁହାଯାଏ । ମସଜିଦରେ ଲୋକମାନେ ଏହି ସାମୂହିକ ନମାଜ୍ ପାଠ କରିବାକୁ ସଳଖ ଧାଡ଼ି ବାନ୍ଧି ଛିଡ଼ା ହେବା ସମୟରେ ମୁଅଜ୍‌ଜ଼ନ୍ (ଅଜ଼ାନ୍ ଦେଇଥିବା ବ୍ୟକ୍ତି) ଏହିପରି ଇକାମତ୍ ଅର୍ଥାତ୍ ପ୍ରାରମ୍ଭିକ ସୂଚନା ଦେବେ । ସେ ଅଜ଼ାନରେ କହିଥିବା ସବୁ ବାକ୍ୟକୁ ଦୁଇଥର ପରିବର୍ତ୍ତେ ଥରେ ଲେଖାଏଁ ଆବୃତ୍ତି ବା ଉଚ୍ଚାରଣ କରିବେ ଅର୍ଥାତ୍ ଅଲ୍ଲାଃହୁ ଅକବର୍ ଅଲ୍ଲାଃହୁ ଅକବର୍ । ଅଶହଦୁ ଅନ୍ଲା ଇଲାହା ଇଲ୍ଲଲ୍ଲାଃହୁ । ଅଶହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ । ହଇ ୟା ଅଲସ୍ ସଲାହ୍ । ହଇ ୟା ଅଲଲ୍ ଫଲାହ୍ । କିନ୍ତୁ ଏହାପରେ ଅର୍ଥାତ୍ କ୍ଵଦ୍ କାମତିସ୍ ସଲାହ୍ ଠାରେ ଅଧିକ ଦୁଇଥର ଉଚ୍ଚାରଣ କରିବାକୁ ହେବ । ଅଲ୍ଲାଃହୁ ଅକବର୍ ଅଲ୍ଲାଃହୁ ଅକବର୍ । ଲା ଇଲାହା ଇଲ୍ଲଲ୍ଲାଃ ।***

ସେ କହନ୍ତି ଯେ, ଯେତେବେଳେ ସକାଳ ହେଲା ସେତେବେଳେ ମୁଁ ଆଁହଜ଼ରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ ସ୍ୱପନରେ ମୁଁ ଯାହାସବୁ ଦେଖିଥିଲି ତାହାକୁ ଆଁହଜ଼ରତ୍ ସ.ଅଙ୍କ ସମ୍ମୁଖରେ ବର୍ଣ୍ଣନା କରିଦେଲି । ଆଁହଜ଼ରତ୍ ସ.ଅ କହିଲେ ଯେ, ନିଃସନ୍ଦେହ ରୂପେ କୁହାଯାଇପାରେ ଯେ, ଯଦି ଅଲ୍ଲାଃତାଲା ଚାହାନ୍ତି ତେବେ ଉକ୍ତ ସ୍ୱପ୍ନଟି ସତ ଅଟେ । ତୁମେ ବିଲାଲ୍ ର.ଅଙ୍କ ସହିତ ଛିଡ଼ା ହୋଇଯାଅ ଯାହାସବୁ ତୁମେ ସ୍ୱପ୍ନରେ ଦେଖିଥଲ ତାହା ତାଙ୍କୁ ଶିଖାଇ ଦିଅ, ସେ ଏହି ଶବ୍ଦର ଉଚ୍ଚାରଣ କରି ଅଜ଼ାନ୍ ଦେଇ ଦିଅନ୍ତୁ । ସୁତରାଂ ମୁଁ ହଜ଼ରତ୍ ବିଲାଲ୍ ର.ଅଙ୍କ ସହିତ ଛିଡ଼ା ହୋଇଗଲି । ମୁଁ ତାଙ୍କୁ କହି ଚାଲୁଥିଲି ଓ ସେ ତଦନୁଯାୟୀ ଅଜ଼ାନ୍ ଦେଇ ଚାଲୁଥିଲେ । ବର୍ଣ୍ଣନାକାରୀରଙ୍କ ଏହି ମନ୍ତବ୍ୟଟି ଯେ, ଯେତେବେଳେ ହଜ଼ରତ୍ ଉମର୍ ବିନ୍ ଖତ୍ତାବ୍ ର.ଅ ଏହି ଅଜ଼ାନ୍ ଶୁଣିଲେ ସେତେବେଳେ ସେ ନିଜର ଘରେ ଥିଲେ । ସେ ନିଜର ଚାଦରଟିକୁ ଘୋସାଡ଼ି ହୋଇ ବାହାରକୁ ବାହାରିଲେ ଏବଂ କହୁଥିଲେ ଯେ, ସେହି ଅନାଦି ରୂପୀ ଈଶ୍ୱରଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟାନୁଯାୟୀ ପ୍ରେରଣ କରିଛନ୍ତି ଯେ, ହେ ରସୁଲୁଲ୍ଲାଃ ସ.ଅ ! ମୁଁ ବି ସ୍ୱପ୍ନରେ ଏହିପରି ଶବ୍ଦାଦି ଦେଖିଲି ଯାହାସବୁ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ଦେଖିଛନ୍ତି । ଏହା ଶୁଣି ଆଁହଜ଼ରତ୍ ସ.ଅ କହିଲେ ଯେ, ସକଳ ପ୍ରଶଂସା କେବଳ ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଯେ, ଯେତେବେଳେ ଆଁହଜ଼ରତ୍ ସ.ଅ ଅଜ଼ାନର ଶବ୍ଦ ଶୁଣିଲେ ସେତେବେଳେ କହିଲେ ଯେ, ଉକ୍ତ ଶବ୍ଦାନୁଯାୟୀ ଐଶୀବାଣୀ ମଧ୍ୟ ହୋଇସାରିଛି ।

ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ଯାହାଙ୍କୁ ଅଜ଼ାନ୍ ରୋୟାରେ (ସ୍ୱପ୍ନାଦେଶ) ହୋଇଥିଲା । ସେ ନିଜର ସମସ୍ତ ଧନସମ୍ପତ୍ତିକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ କରିଦେଲେ । ଏହା ଦେଖି ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଗଲେ ଏବଂ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଅବ୍ଦୁଲ୍ଲାଃ ନିଜର ସମସ୍ତ ଧନକୁ ଦାନ ଆକାରରେ ଦେଇ ଦେଇଛନ୍ତି । ସେ ତ' ତାହାରି ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଥିଲେ ଏବଂ ନିଜର ଜୀବନ ଅତିବାହିତ କରୁଥିଲେ । ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ ଅବ୍ଦୁଲ୍ଲାଃ ବିନ ଜ଼ୈଦ୍ ର.ଅଙ୍କୁ ଡ଼କାଇଲେ ଏବଂ କହିଲେ ଯେ, ଯାହାସବୁ ଦାନ ତୁମେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ କରିଛ । ଅଲ୍ଲାଃତାଲା ତୁମର ଏହି ଦାନକୁ ସୁନିଶ୍ଚିତ ଗ୍ରହଣ କରି ନେଇଛନ୍ତି । ଅତଃ ତୁମ୍ଭେ ଏହି ଦାନ କରିଥିବା ଧନକୁ ପୈତୃକ ସମ୍ପତ୍ତି ରୂପେ ନିଜର ଅଭିଭାବକଙ୍କୁ ଫେରସ୍ତ କରିଦିଅ ।

ଏକ ସ୍ଥଳେ ହୁଜୁର୍ ସ.ଅ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅଙ୍କୁ ନିଜର ନଖ ଆଶୀର୍ବାଦ ସ୍ୱରୂପ ଅର୍ପଣ ବା ଭେଟି କଲେ । ଉକ୍ତ ଘଟଣାର ବ୍ୟାଖ୍ୟା ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ର.ଅଙ୍କର ପୁତ୍ର ମହମ୍ମଦ୍ ବର୍ଣ୍ଣନା କରନ୍ତି ଯେ, ତାଙ୍କର ପିତାଶ୍ରୀ ହଜ୍ଜତୁଲ୍ ୱିଦା (ଆଁ ହଜ଼ରତ୍ ସ.ଅଙ୍କ ପ୍ରଥମ ଏବଂ ଶେଷ ହଜ୍) ଅବସରରେ ମିନା ପଡ଼ିଆ ଠାରେ ମିନହର୍ ଅର୍ଥାତ୍ କୁର୍ବାନୀର ସ୍ଥଳରେ କୁର୍ବାନୀ ସମୟରେ ଉପସ୍ଥିତ ଥିଲେ ଏବଂ ତାଙ୍କ ସହିତ ଅନସାର୍ ସାହାବାମାନଙ୍କ ମଧ୍ୟରୁ ଆଉ ଜଣେ ସାହାବି ମଧ୍ୟ ରହିଥିଲେ । ରସୁଲ୍ କରୀମ୍ ସ.ଅ କୁର୍ବାନୀର ମାଂସ ସବୁ ବଣ୍ଟନ କଲେ ସେତେବେଳେ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ଓ ତାଙ୍କର ଅନସାର୍ ସଂପ୍ରଦାୟର ସାଥୀଙ୍କୁ କିଛି ବି ମିଳିଲା ନାହିଁ । ସୁତରାଂ ରସୁଲ୍ କରୀମ୍ ସ.ଅ ଏକ ବସ୍ତ୍ରରେ ନିଜର ପବିତ୍ର କେଶ ମୁଣ୍ଡନ କଲେ ଏବଂ ତାହାକୁ ଆଁହଜ଼ରତ୍ ସ.ଅ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରିଦେଲେ । ପୁନଶ୍ଚ ହୁଜୁର୍ ସ.ଅ ନିଜର ନଖ କାଟିଲେ ଏବଂ ସେହି ନଖକୁ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ଅନସାରୀ ଏବଂ ତାଙ୍କର ଅନସାର୍ ସହସାଥୀଙ୍କୁ ପ୍ରଦାନ କଲେ ।

ଅଲ୍ଲାମା ଜରକ଼ାନୀ ଉଲ୍ଲେଖ  କରନ୍ତି ଯେ, ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜ଼ୈଦ୍ ନିଜର ବଗିଚାରେ କାର୍ଯ୍ୟରତ ଥିଲେ କି ତାଙ୍କର ପୁତ୍ର ତାଙ୍କ ପାଖକୁ ଆସିଲା ଏବଂ ସୂଚନା ଦେଲା ଯେ, ନବୀ କରୀମ୍ ସ.ଅଙ୍କ ଅକାଳ ବିୟୋଗ ଘଟିଛି । ଏହା ଶୁଣି ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ଜ଼ୈଦ୍ ର.ଅ କହିଲେ ଯେ, **ଅଲ୍ଲାଃହୁମ୍ମା ଅଜ଼ହବ୍ ବସର ହତ୍ତା ଲା ଅର ବାଆଦା ହବବ ମୁହମ୍ମଦୁନ୍ ଅହଦନ୍** ଅର୍ଥାତ୍ ହେ ଈଶ୍ୱର ତୁମ୍ଭେ ମୋର ଦୃଷ୍ଟି ଶକ୍ତିକୁ ନେଇଯାଅ । ଏପର୍ଯ୍ୟନ୍ତକି ମୁଁ ନିଜର ପ୍ରିୟତମ ମହମ୍ମଦ୍ ସ.ଅଙ୍କ ପରେ ଅନ୍ୟ କାହାରିକୁ ଯେପରି ନଦେଖିପାରେ । କୁହାଯାଏ ଯେ,ଏହାପରେ ତାଙ୍କୁ ବେଶୀ କିଛି ଦୃଶ୍ୟମାନ ହେଲା ନାହିଁ । ଯଦ୍ୱାରାକି ସେ ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ । ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ଜ଼ୈଦ୍ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଶାମିଲ ହେଉଥିଲେ । ତାଙ୍କର ଦେହାନ୍ତ ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ୩୨ ହିଜରୀରେ ମଦିନା ଠାରେ ହୋଇଥିଲା । ମୃତ୍ୟୁବେଳେ ତାଙ୍କୁ ୬୪ ବର୍ଷ ବୟସ ପୂରିଥିଲା । ତାଙ୍କର ନମାଜ଼େ ଯନାଜ଼ାଃ ହଜ଼ରତ୍ ଉସମାନ୍ ର.ଅ ପଢେଇଥିଲେ ।

ପରବର୍ତ୍ତୀ ସାହାବୀ ହେଉଛନ୍ତି ହଜ଼ରତ୍ ମୁଆଜ଼୍ ବିନ୍ ଅମ୍ର ବିନ୍ ଜୁମୁହ୍ ର.ଅ । ସେ ବନୁ ସଲମା ଶାଖା ଆନ୍ତର୍ଗତ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବୈଅତେ ଅକ଼ବା ସାନିୟା, ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ତାଙ୍କର ପିତା ହଜ଼ରତ୍ ଅମର୍ ବିନ୍ ଜୁମୁହ୍ ଆଁହଜ଼ରତ୍ ସ.ଅଙ୍କର ସହାବୀ ଥିଲେ । ଯିଏକି ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ତାଙ୍କ ମାତାଙ୍କ ନାମ ହିନ୍ଦାହ୍ ବିନତ୍ ଅମ୍ର ଥିଲା । ହଜ଼ରତ୍ ମୁଆଜ଼୍ ବୈଅତେ ଅକ଼ବା ସାନିୟାରେ ଶାମିଲ୍ ହୋଇଥିଲେ । କିନ୍ତୁ ତାଙ୍କର ପିତା ଅମ୍ର ବିନ୍ ଜୁମୁହ୍ ନିଜର ପ୍ରତିମା ପୂଜାର ଆସ୍ଥା ଉପରେ ଅଟଳ ରହିଥିଲେ । ସିରତ୍ ଇବ୍ନେ ହଶ୍ଶାମରେ ହଜ଼ରତ୍ ମୁଆଜ଼୍ ର.ଅଙ୍କ ପିତାଙ୍କ ଇସଲାମ୍ ଧର୍ମ ଗ୍ରହଣ କରିବା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ବୈଅତେ ଅକ଼ବା ସାନିୟାରେ ଶାମିଲ୍ ହେବା ପାଇଁ ଲୋକମାନେ ମଦିନାକୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ସେହି ଲୋକମାନେ ଖୁବ୍ ଭଲଭାବରେ ଇସଲାମର ପ୍ରଚାର କଲେ । ଯଦିଓ ତାଙ୍କ ଜାତିରେ ବର୍ତ୍ତମାନ ସୁଦ୍ଧା କେତେକ ପ୍ରତିଷ୍ଠିତ ଗଣମାନ୍ୟ ବ୍ୟକ୍ତି ନିଜର ପୂର୍ବ ପ୍ରିତିମା ପୂଜା ଧର୍ମରେ ପୂର୍ବପରି ଅଟଳ ରହିଥିଲେ । ତନ୍ମଧ୍ୟରୁ ଜଣେ ବ୍ୟକ୍ତି ହଜ଼ରତ୍ ଅମ୍ର ବିନ୍ ଜୁମୁହ୍ ମଧ୍ୟ ଥିଲେ । ଅମ୍ର ବିନ୍ ଜୁମୁହ୍ ବନୁ ସଲମା ସଂପ୍ରଦାୟର ନେତାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ନିଜ ଗୃହରେ କାଠର ଏକ ମୂର୍ତ୍ତି ତିଆରି କରି ରଖିଥିଲେ । ସେହି ମୂର୍ତ୍ତିର ସେ ଉପାସନା କରୁଥିଲେ । ବୈଅତେ ଅକ଼ବା ସାନିୟା ପରେ ହଜ଼ରତ୍ ମୁଆଜ଼୍ ବିନ୍ ଜବଲ୍ ଓ ହଜ଼ରତ୍ ମୁଆଜ଼୍ ବିନ୍ ଅମ୍ର ବିନ୍ ଜୁମୁହ୍ ରାତ୍ରରେ ଅମ୍ର ବିନ୍ ଜୁମୁହ୍ ର.ଅଙ୍କ ମୂର୍ତ୍ତି ଉପାସନା ଗୃହରେ ପ୍ରବେଶ କରି ସେହି ମୂର୍ତ୍ତିକୁ ସେଠାରୁ ଉଠାଇ ଆଣିଲେ ଏବଂ ବନୁ ସଲମା ସଂପ୍ରଦାୟର ଅଳିଆ ଆବର୍ଜନା ଗଦା ଉପରେ ସେହି ମୂର୍ତ୍ତିକୁ ଫିଙ୍ଗି ଦେଲେ । କୁହାଯାଏ ଯେ, ଯେତେବେଳେ ସକାଳେ ସେ ନିଦ୍ରରୁ ଉଠିଲେ ସେତେବେଳେ ନିଜ ଉପାସିତ

ମୂର୍ତ୍ତି ଦେବତାକୁ ନପାଇ କହିଲେ ଯେ, ତୁମମାନଙ୍କର କ୍ଷତି ଘଟୁ ! କିଏ ସେ ରାତ୍ରରେ ଆମମାନଙ୍କର ଉପାସ୍ୟ ଦେବତାଙ୍କ ସହିତ ଶତ୍ରୁତା କରିଛି ? ଅତଃ ସେ ହଜି ଯାଇଥିବା ସେହି ମୂର୍ତ୍ତିକୁ ଖୋଜିବାକୁ ବାହାରି ପଡ଼ିଲେ ଏପର୍ଯ୍ୟନ୍ତକି ଯେତେବେଳେ ସେ ସେହି ମୂର୍ତ୍ତିକୁ ଖୋଜି ପାଇଗଲେ ସେତେବେଳେ ସେ ତାହାକୁ ଧୋଇ ସଫାସୁଥୁରା କଲେ ଏବଂ କହୁଥିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ମୁଁ ଜାଣିନିଏ ଯେ, ମୋର ଏହି ଉପାସିତ ମୂର୍ତ୍ତି ଦେବାତାଙ୍କ ସହିତ କିଏ ଏପରି ଘୃଣ୍ୟ ଆଚରଣ କରିଛି ତାହାହେଲେ ମୁଁ ନିଶ୍ଚୟ ତାହାକୁ ଅପମାନିତ ଓ ଦଣ୍ଡିତ କରିବି । ପୁନଶ୍ଚ ଯେତେବେଳେ ରାତି ହେଲା ଏବଂ ଅମ୍ର ର.ଅ ଶୋଇ ଯାଆନ୍ତି ପୁନର୍ବାର ତାଙ୍କର ପୁତ୍ର ଏହିପରି ଆଚରଣ ଦୋହୋରାଉଥିଲେ । ଗୋଟିଏ ରାତିରେ ସେ ନିଜର ଖଡ଼ଗ୍ ସେହି ଉପାସିତ ଦେବାତା ବେକରେ ଝୁଲାଇ ଦେଲେ ଏବଂ କହିଲେ ଯେ, ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୋତେ ଏହା ଜଣା ନାହିଁ ଯେ ତୁମ ସହିତ ଏପରି ବ୍ୟବହାର କିଏ କରୁଛି । ହେ ମୋର ଦେବତା ! ଯଦି ତୁମ ଭିତରେ କୌଣସି ଅଲୌକିକ ଓ ଦିବ୍ୟ ଶକ୍ତି ରହିଛି ତେବେ ସେହି ବ୍ୟକ୍ତିକୁ ତୁମ୍ଭେ ମୋତେ ଅଟକାଇ ଦେଖାଅ । ସୁତରାଂ ଯେତେବେଳେ ସନ୍ଧ୍ୟା ହୋଇଗଲା ଅମ୍ର ର.ଅ ଶୋଇଗଲେ ସେତେବେଳେ ସେହି ଯୁବକମାନେ ପୁନର୍ବାର ସେହି ମୂର୍ତ୍ତି ସହିତ ସେହେପରି ଆଚରଣ ପ୍ରଦର୍ଶନ କଲେ । ସକାଳେ ଯେତେବେଳେ ଅମ୍ର ବିନ୍ ଜୁମୁହ୍ ଉଠିଲେ ସେତେବେଳେ ସେ ନିଜର କାଠର ଦେବତାଙ୍କୁ ପାଇଲେ ନାହିଁ ଯେଉଁଠାରେ ସେ ସେହି ଦେବତାଙ୍କୁ ସ୍ଥାପନ କରିଥିଲେ । ସୁତରାଂ ସେ ତାହାକୁ ଏଣେ ତେଣେ ଖୋଜି ଘୂରି ବୁଲୁଥିଲେ । ଏପର୍ଯ୍ୟନ୍ତକି ସେ ନିଜର ଦେବତାଙ୍କୁ ଏକ କୂପରେ ଓଲଟା ମୁହାଁ ହୋଇ ଏକ ମୃତ କୁକୁର ସହିତ ବନ୍ଧା ପଡ଼ିଥିବା ଅବସ୍ଥାରେ ଦେଖିଲେ । ଯେତେବେଳେ ସେ ଏହି ଦୃଶ୍ୟକୁ ଦେଖିଲେ ସେତେବେଳେ ତାଙ୍କ ଉପରେ ପ୍ରକୃତ ସତ୍ୟ ଉନ୍ମୋଚିତ ହେଲା ଏବଂ ତାଙ୍କର ସଂପ୍ରଦାୟର ମୁସଲମାନ ଲୋକମାନେ ମଧ୍ୟ ତାଙ୍କୁ ଇସଲାମର ଶିକ୍ଷା ପ୍ରଦାନ କରିବାରୁ ତଥା ଅଲ୍ଲାଃତାଲାଙ୍କ ଦୟାରୁ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ ।

ହଜ଼ରତ୍ ମୁଆଜ୍ ବିନ୍ ଅମ୍ର ବିନ୍ ଜୁମୁହ୍ ଅବୁ ଜହଲକୁ ବଧକାରୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ୍ ମୁଆଜ୍ ବିନ୍ ଅମ୍ର ବିନ୍ ଜୁମୁହ୍ ଏବଂ ହଜ଼ରତ୍ ମିଆଜ୍ ବିନ୍ ଅଫରା ଅବୁ ଜହଲ୍ ଉପରେ ଆକ୍ରମଣ କରି ତାକୁ ବଧ କରିଥିଲେ ଏବଂ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ଅବୁ ଜହଲର ସ୍କନ୍ଧ ଚ୍ୟୁତ କରିଥିଲେ । ହଜ଼ରତ୍ ଅନସ୍ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ବଦର୍ ଯୁଦ୍ଧ ଦିନ କହିଲେ ଯେ, କିଏ ଦେଖିବ ଯେ, ଅବୁ ଜହଲର କ'ଣ ଅବସ୍ଥାତ ହୋଇଛି । ହଜ଼ରତ୍ ଇବ୍ନେ ମସଉଦ୍ ଗଲେ ଏବଂ ଯାଇ ଦେଖିଲେ ଯେ, ତାକୁ ଅର୍ଥାତ୍ ଅବୁ ଜହଲକୁ ଅଫରାର ଦୁଇ ପୁତ୍ର ମୁଆଜ୍ ଓ ମୁଅୱଜ୍ ଖଡ଼ଗ ସାହାଯ୍ୟରେ ଏଭଳି ଆକ୍ରମଣ କଲେ ଯେ, ସେ ମୃତ୍ୟୁର ସମୀପକୁ ପହଞ୍ଚି ଯାଇଥିଲା । ହଜ଼ରତ୍ ଇବ୍ନେ ମସଉଦ୍ ର.ଅ ପ୍ରଶ୍ନ କଲେ ଯେ, କ'ଣ ତୁମେ ଅବୁ ଜହଲ୍ ଅଟ ? ଅବୁ ଜହଲ୍ କହିଲା ଯେ, ମୋ ଠାରୁ ବଳି ଆଉ କେହି ବ୍ୟକ୍ତି ରହିଛି ଯାହାକୁ ତୁମେ ବଧ କରିଛ ।

ହଜ଼ରତ୍ ସଇୟେଦ୍ ଜୈନ୍ ବିନ୍ ଅଲ୍ ଆବିଦ୍ ୱଲିଉଲ୍ଲାଃ ଶାହ୍ ସାହେବ୍ ଅବୁ ଜହଲର ବଧକାରୀଙ୍କ ସଂପର୍କରେ ମତପାର୍ଥକ୍ୟର ସମାଧାନ କରି କହନ୍ତି ଯେ, କେତେକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଅଫରାର ଦୁଇ ପୁତ୍ର ଅବୁ ଜହଲ୍ ଉପରେ ଅକ୍ରମଣ କରି ତାହାକୁ ମୃତ୍ୟୁ ମୁଖ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । ଏହାପରେ ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅ ତାହାର ସ୍କନ୍ଧ ଚ୍ୟୁତ କରିଥିଲେ । ଇମାମ୍ ବିନ୍ ହଜର୍ ଏହି ଶଂସୟ ବ୍ୟକ୍ତ କଲେ ଯେ, ମୁଅୱଜ୍ ବିନ୍ ଅମ୍ର ଓ ମୁଆଜ୍ ବିନ୍ ଅଫରା ପରେ ମୁଅୱଜ୍ ବିନ୍ ଅଫରା ମଧ୍ୟ ଅବୁ ଜହଲ୍ ଉପରେ ଆକ୍ରମଣ କରିଥିବେ । କାରଣ ପ୍ରଥମ ଦୁଇ ବର୍ଣ୍ଣନାରେ ସେହି ଦୁଇ ଭାଇଙ୍କର ଚର୍ଚ୍ଚା ଦେଖିବାକୁ ମିଳିଥାଏ । ପରବର୍ତ୍ତୀ ବର୍ଣ୍ଣନାରେ ଦୁଇଟି ଭିନ୍ନ ବ୍ୟକ୍ତିଙ୍କର ଚର୍ଚ୍ଚା ଦେଖିବାକୁ ମିଳିଥାଏ । ଏଥିସହ ଶରହ୍ ଫତହୁଲ୍ ବାରିରେ ମଧ୍ୟ ଉଲ୍ଲିଖିତ ଅଛି ଯେ, ବୋଧ ହୁଏ ଉପରୋକ୍ତ ତିନି ଜଣ ଅବୁ ଜହଲ୍ ଉପରେ ଆକ୍ରମଣ କରିଥାଇ ପାରନ୍ତି । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଅବୁ ଜହଲ୍ ମଲାବେଳେ ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅଙ୍କୁ କହିଲା ଯେ, ତାହାକୁ ଅର୍ଥାତ୍ ହଜ଼ରତ୍ ମହମ୍ମଦ୍ ସ.ଅଙ୍କୁ ଯାଇ କହିବ ଯେ, ମୁଁ ସାରା ଜୀବନ ତାଙ୍କର ଶତ୍ରୁ ହୋଇ ରହିଲି ଏବଂ ଆଜି ମଧ୍ୟ ଏହି ଶତ୍ରୁତା ଯୋଗୁଁ ମୁଁ ଏହି ଅବସ୍ଥାରେ ଉପନୀତ ହୋଇ ମୃତ୍ୟୁବରଣ କରୁଛି । ଏହାପରେ ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅ ଅବୁ ଜହଲର ସ୍କନ୍ଧ ଚ୍ୟୁତ କଲେ ଏବଂ ତାହାର ମୁଣ୍ଡକୁ ନେଇ ଯେତେବେଳେ ସେ ଆଁହ୍ଜ଼ରତ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ସେତେବେଳେ ଆଁହ୍ଜ଼ରତ୍ ସ.ଅ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ନିକଟରେ ଯେପରି ସମସ୍ତ ନବୀମାନଙ୍କ ଠାରୁ ସମ୍ମାନିତ ଓ ଆଦରଣୀୟ ତଥା ମାନ୍ୟ ରୂପେ ବିବେଚିତ ଏବଂ ମୋର ଏହି ମୁସଲିମ୍ ଜାତି ଅଲ୍ଲାଃତାଲାଙ୍କ ନିକଟରେ ସମଗ୍ର ଅନ୍ୟ ଧର୍ମାବଲମ୍ବୀମାନଙ୍କ ଠାରୁ ଅଧିକ ସମ୍ମାନିତ ତଥା ଆଦରଣୀୟ ଅଟେ । ଠିକ୍

ସେହିପରି ଏହି ଉମ୍ମତର ଫିରଔନ୍ ଅନ୍ୟ ସମସ୍ତ ଉମ୍ମତର ଫିରଔନମାନଙ୍କ ଠାରୁ କ୍ରୁର ଓ ଉଗ୍ର, ଦୌରାମ୍ୟ ରୂପେ ବିବେଚିତ ଏବଂ ଏହାର କାରଣ ଯେ, ହତ୍ତା ***ଇଜ଼ା ଅଦରକହୁଲ୍ ଗରକୁ କାଲା ଆମନ୍ତୁ ଅନ୍ନହୁ ଲା ଇଲାହା ଇଲ୍ଲଲ୍ ଲଜ଼ି ଆମନତ୍ ବହ ବନୁ ଇସ୍ରାଇଲ।*** **(ସୁରେ ୟୁନୁସ୍ ଆୟତ୍ :୯୧)** ଅର୍ଥାତ୍ ଏପରିକି ଯେତେବେଳେ ସେ ଓ ତାହାର ସୈନ୍ୟ ବାହିନୀ ଜଳମଗ୍ନ ହେବା ଉପଲଦ୍ଧି କଲେ, ସେତେବେଳେ ସେ ଅର୍ଥାତ୍ ଫିରଔନ୍ କହିଲା ଯେ, ଯାହାଙ୍କ ପ୍ରିତ ଇସ୍ରାଇଲୀୟ ସନ୍ତାନମାନେ ବିଶ୍ୱାସକରିଛନ୍ତି ମୁଁ ମଧ୍ଯ ତାହାଙ୍କ ଉପରେ ବିଶ୍ୱାସ କରୁଅଛି ଯେ, ତାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ । ସୁତରାଂ ଏହା ବ୍ୟତୀତ ବର୍ଣ୍ଣନାରେ ଏହା ମଧ୍ଯ ଉଲ୍ଲେଖ ରହିଛି ଅବୁ ଜହଲର ମୁଣ୍ଡ ଦେଖି ଆଁହଜ଼ରତ୍ ସ.ଅ କହିଲେ ଯେ, ***ଅଲ୍ଲାଃହୁଲ୍ ଲଜ଼ି ଲା ଇଲାହା ଇଲ୍ଲା ହୁ*** ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହେଁ । ସେହିପରି ହୁଜୁର୍ ସ.ଅ ତିନି ଥର କହିଲେ ଯେ, ***ଅଲହମଦୁ ଲଲ୍ଲାଃହଲ୍ ଲଜ଼ି ଆଅଜ୍ଜଲ୍ ଇସ୍‌ଲାମୁ ଓ ଅହଲହୁ*** ଯେ, ସକଳ ପ୍ରଶଂସା କେବଳ ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ଇସଲାମ୍ ଧର୍ମକୁ ଓ ତାହାର ଅନୁଗାମୀମାନଙ୍କୁ ଅନ୍ୟମାନଙ୍କ ତୁଳନାରେ ସମ୍ମାନ ଅର୍ଥାତ୍ ପୁରସ୍କୃତ କଲେ । ସେହିପରି ଏହା ମଧ୍ଯ ଦେଖିବାକୁ ମିଳେ ଯେ, ଆଁହଜ଼ରତ୍ ସ.ଅ କହିଲେ ଯେ, ଏହି ସୁନିଶ୍ଚିତ ପ୍ରତ୍ୟେକ ଉମ୍ମତରେ ଗୋଟିଏ ଫିରଔନ୍ ରହିଥାଏ ଏବଂ ଏହି ଉମ୍ମତର ଫିରଔନ୍ ଅବୁ ଜହଲ୍ ଥିଲା ଯାହାକୁ ଅଲ୍ଲାଃତାଲା ଶାସ୍ତି ସ୍ୱରୂପ ବଧ କଲେ ।

ହଜ଼ରତ୍ ମୁଆଜ୍ ବିନ୍ ଜୁମୁହ୍ ର.ଅଙ୍କ ଦେହାନ୍ତ ହଜ଼ରତ୍ ଉସମାନ୍ ର.ଅଙ୍କ ଶାସନ କାଳରେ ହୋଇଥିଲା । ହଜ଼ରତ୍ ଉସମାନ୍ ର.ଅ ତାଙ୍କର ନମାଜ୍ ଯନାଜ୍ଃ ପଢେଇଲେ ତାଙ୍କୁ ଜନ୍ନତୁଲ୍ ବକି ଠାରେ କବର ଦିଆଯାଇଥିଲା । ହଜ଼ରତ୍ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍  ସ.ଅ କହିଲେ ଯେ, ମୁଆଜ୍ ବିନ୍ ଅମ୍ର ବିନ ଜୁମୁହ୍ ର.ଅ କେତେ ଭଲ ଲୋକ ଥିଲେ । ଅଲ୍ଲାଃତାଲା ସେହି ସାହାବାମାନଙ୍କ ପ୍ରତି ହଜ଼ାର୍ ହଜ଼ାର ଦୟା ଅବତୀର୍ଣ୍ଣ କରନ୍ତୁ ଯେଉଁମାନେ ଅଲ୍ଲାଃତାଲାଙ୍କର ପ୍ରିୟ ରସୁଲ୍ ସ.ଅଙ୍କ ପ୍ରେମରେ ଟଲ୍ଲିନ୍ ହୋଇ ଅଲ୍ଲାଃତାଲାଙ୍କର କରୁଣା ପ୍ରାପ୍ତକାରୀ ରୂପେ ଯୋଗ୍ୟ ବିବେଚିତ ହୋଇଥିଲେ । ହୁଜୁର୍ ଅନୱର୍ କହିଲେ ଯେ, ନମାଜ୍ ପରେ ମୁଁ ଗୋଟିଏ ନମାଜ଼େ ଯନଜ଼ାଃ ଗାଏବ୍ ପଢେଇବି । ସେହି ଯନାଜ଼ାଃଟି ହେଉଛି ସ୍ୱର୍ଗୀୟ ମଲକ୍ ସୁଲତାନ୍ ହାରୁନ୍ ଖାନ୍ ସାହେବଙ୍କର । ଯାହାଙ୍କର ୨୭ ମାର୍ଚ୍ଚରେ ଇସଲାମାବାଦ୍ ଠାରେ ମୃତ୍ୟୁ ଘଟିଥିଲା । ***ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।*** ତାଙ୍କର ଜ୍ୟୋଷ୍ଟପୁତ୍ର ହଜ଼ରତ୍ ଖଲିଫତୁଲ୍ ମସିହ୍ ରାବେ ରହିମହଲ୍ଲାଃହୁ ଅଲୈହଙ୍କର ଜ୍ୱାଇଁ ଥିଲେ । ତାଙ୍କ ପିତାଙ୍କ ନାମ କର୍ନେଲ୍ ମଲକ୍ ସୁଲତାନ୍ ମହମ୍ମଦ୍ ଖାନ ସାହେବ୍ ଥିଲା । ଯିଏ ୨୩ ବର୍ଷ ବୟସରେ ୧୯୨୩ ମସିହାରେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ସେ ନିଜ ବଂଶରେ କେବଳ ସ୍ୱୟଂ ଅହମଦି ଥିଲେ । ତାଙ୍କର ଭଉଣୀ ରାଶେଦା ସିଆଲ୍ ସାହେବା ବର୍ଣ୍ଣନା କରନ୍ତି ଯେ, ମୋ ଭାଇ ସ୍ୱର୍ଗୀୟ ସୁଲତାନ୍ ହାରୁନ୍ ଖାନ୍ ଅନେକ ସୁଗୁଣାବଳୀର ଅଧିକାରୀ ଥିଲେ । ସେ ଅହମଦିୟତ୍ ପାଇଁ ଗେରତ୍ ଅର୍ଥାତ୍ ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ । ଖିଲାଫତ୍ ଅନୁଷ୍ଠାନ ପ୍ରତି ପ୍ରାଣ ଉତ୍ସର୍ଗକାରୀ ବ୍ୟକ୍ତି ଥିଲେ । ସାଙ୍ଗମାନଙ୍କର ବିଶ୍ୱସ୍ତ ଏବଂ ନିଷ୍ପାପର ସାଙ୍ଗ ଏବଂ ଶତ୍ରୁମାନଙ୍କ ପାଇଁ ଘୋର ଶତ୍ରୁ । ସେ ଗରିବ, ଦରିଦ୍ର ଓ ଅସହାୟ ଲୋକମନାଙ୍କର ସାହ ଭରସା ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ କରୁଣା ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ବଜାୟ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**KHULASA KHUTBA JUMA HUZOOR ANWAR a.b.a**

**..........................................................**

**5th April 2019**

**...........................**